Kalinga Institute of Industrial Technology
Bhubaneswar, Orissa

ପ୍ରଗତିବାଦୀ

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ



Local

SEAR

Click her
Oriy

Quot
Only in hu
can throw
Maya-delu
its True-se
seemingly
identity ar
completel
with the C
human-life
fortune of
it is the hu
in which s
i.e., God-I
possible.

W
**Forecast**
Forecast:
sky with
rain and t
during aft



**Tempertu**
Max:33.3
Min :26.6

Ente
**Abhishek**
**Sholay**
Bollywood
star Abhis
Bachchan
admits to
"Who, me
response
when Ram
Gopal Var
play Veeru
remake -
excited ab

## ରାଜଧାନୀର ରାସ୍ତାକୁ ନେଇ ନୂଆ ମାଷ୍ଟର ପ୍ଲାନ୍

ଭୁବନେଶ୍ୱର : ରାଜଧାନୀ ଭୁବନେଶ୍ୱର ରାସ୍ତାଗୁଡିକ ନୂଆ ରୂପ ନେବାକୁ ଯାଉଛି । ଏଥିପାଇଁ କାମ ଆରମ୍ଭ ହୋଇଯାଇଥିବାବେଳେ ଖୁବ୍ ଶୀଘ୍ର ଅନ୍ୟ ପ୍ରସ୍ତାବିତ ନିର୍ମାଣ ଗୁଡିକ ଆରମ୍ଭ ହେବ । ରାଜଧାନୀକୁ ଆସୁଥିବା ପର୍ଯ୍ୟଟକ ତଥା ଯାତ୍ରୀ ଯେପରି ରାଜଧାନୀ ରାସ୍ତାରୁ ଏକ ଅନୁକୂଳ ଅନୁଭବ ନେଇ ଯିବେ ସେଥିପାଇଁ ଯୋଜନାବଦ୍ଧ ଭାବେ ସମସ୍ତ ରାସ୍ତାର ଉନ୍ନତୀକରଣ କରାଯିବ ।

ପୂର୍ତ୍ତ ବିଭାଗ ଶାସନ ସଚିବ ରତ୍ନାକର ଦାସ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ଯେ, ରାଜଧାନୀର ରାସ୍ତାଗୁଡିକୁ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଛି । ଭୁବନେଶ୍ୱର ମହାନଗର ନିଗମ ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହାୟତାରେ ଏହି ମାଷ୍ଟର ପ୍ଲାନ୍ କାର୍ଯ୍ୟ ଗତ ମାସରୁ ଆରମ୍ଭ ହୋଇଛି । ଆସନ୍ତା ୨/୩ ମାସ ମଧ୍ୟରେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହୋଇଯିବ । ସୂଚନାଯୋଗ୍ୟ ଯେ, ରାଜଧାନୀରେ ପୂର୍ତ୍ତ ବିଭାଗ ଅଧୀନରେ ୪୯୩ କିଲୋମିଟର ରାସ୍ତା ଥିବାବେଳେ ବିଏମ୍‌ସି ଅଧୀନରେ ୯୧୩ କିଲୋମିଟର ରାସ୍ତା ରହିଛି । ସଂପ୍ରତି ଏୟାରପୋର୍ଟ ଛକରୁ ତମଣା ପର୍ଯ୍ୟନ୍ତ ୨୫କୋଟି ଟଙ୍କା ବ୍ୟୟରେ ରାସ୍ତା ୪ ଧାଡିଆ ହେଉଛି । ଚାରିଧାଡିଆ ରାସ୍ତା ବାଦ୍ ଦୁଇ ପାର୍ଶ୍ୱରେ ସାଇକେଲ ଯିବା ପାଇଁ କଂକ୍ରିଟ୍ ରୋଡ ମଧ୍ୟ କରାଯିବ । କଂକ୍ରିଟ୍ ରୋଡ ପରେ ଫୁଟ୍‌ପାଥ ରହିବ । ବିଏମ୍‌ସି ଏହି ରାସ୍ତାର ଆଲୋକ ବ୍ୟବସ୍ଥା କରିସାରିଥିବାବେଳେ ୨୦୦୬ ମାର୍ଚ୍ଚ ସୁଦ୍ଧା ରାସ୍ତାକାମ ସଂପୂର୍ଣ୍ଣ ହୋଇଯିବ । ଏହି ରାସ୍ତାର ବିଭିନ୍ନ ସ୍ଥାନରେ ସବ୍‌ୱେ ପାଇଁ ୪କୋଟି ଟଙ୍କା ଖର୍ଚ୍ଚ ମଧ୍ୟ ହେଉଛି । ୨୦୦୬ ସୁଦ୍ଧା ତମଣା ପର୍ଯ୍ୟନ୍ତ ହୋଇସାରିଲା ପରେ ଦ୍ୱିତୀୟ ପର୍ଯ୍ୟାୟରେ ନନ୍ଦନକାନନ ଯାଏଁ ରାସ୍ତା ସଂପ୍ରସାରିତ ହେବ ।

ଉନ୍ନତୀକରଣ ପାଇଁ ପ୍ରସ୍ତାବିତ ରାଜଧାନୀ ରାସ୍ତା ଗୁଡିକ ହେଲା (୧) ଏଜି ଛକରୁ ରାଜମହଲ ଛକ । ୮୦୦ ମିଟରର ଏହି ରାସ୍ତାକୁ ଅଢ଼େଇ କୋଟି ଟଙ୍କା ବ୍ୟୟ ଅଟକଳରେ ଉନ୍ନତି କରାଯିବ । (୨) ହସ୍ପିଟାଲ୍ ଛକରୁ ଶିଶୁଭବନ ଛକ । ଏୟାରପୋର୍ଟରୁ ତମଣା ରାସ୍ତା ଭଳି ଛ 'ନମ୍ବର ହସ୍ପିଟାଲ୍ ଛକରୁ ଶିଶୁଭବନ ଛକ ଯାଏଁ ରାସ୍ତାକୁ ଚାରିଧାଡିଆ କରାଯାଇ ଏହାର ବିକାଶ କରାଯିବ । ଏଥିପାଇଁ ମଧ୍ୟ ଅର୍ଥ ବ୍ୟବସ୍ଥା ହୋଇଛି । (୩) ଜନପଥ ଓ ରାଜପଥ । ରାଜଧାନୀର ଜନପଥ ଓ ରାଜପଥ ରାସ୍ତାକୁ ଉନ୍ନତି କରିବା ପାଇଁ ପ୍ରସ୍ତାବ ଚୂଡାନ୍ତ ହୋଇଛି । ତେବେ ଏ କ୍ଷେତ୍ରରେ ସରକାର ବିଭିନ୍ନ କର୍ପୋରେଟ୍ ହାଉସ ଗୁଡିକର ସହଯୋଗ ଲୋଡିଛନ୍ତି । (୪) ତିନୋଟି ଓଭର୍‌ବ୍ରିଜ୍ ପାଇଁ ମଧ୍ୟ ପ୍ରସ୍ତାବ ଚୂଡାନ୍ତ ହୋଇଛି । ସେଗୁଡିକ ହେଲା ଲିଙ୍ଗରାଜ ଷ୍ଟେସନ୍ ଏବଂ ମଞ୍ଚେଶ୍ୱର ଅଞ୍ଚଳର ଦୁଇଟି ଷ୍ଟେସନ୍ । ଏଥିପାଇଁ ରେଳବିଭାଗ ୫୦ ପ୍ରତିଶତ ଖର୍ଚ୍ଚ ବହନ କଲାବେଳେ ସରକାର ୫୦ ପ୍ରତିଶତ ଖର୍ଚ୍ଚ ବହନ କରିବେ । ରସୁଲଗଡରୁ ସାମନ୍ତରାପୁର ଛକ ଯାଏଁ କଟକ-ପୁରୀ ରାସ୍ତାର ଉନ୍ନତିକାର୍ଯ୍ୟ ଜାତୀୟ ରାଜପଥ ଯୋଜନାରେ କରାଯିବ । କଟକ-ପୁରୀ ରାସ୍ତା ଚାରିଧାଡିଆ ହେବାକୁ ଥିବାରୁ ରାଜଧାନୀର ଏହି ଅଞ୍ଚଳ ସେହି ଯୋଜନା ମଧ୍ୟରେ ରହିବ । ରାଜଧାନୀର ରାସ୍ତା ଉନ୍ନତି ପାଇଁ ଦ୍ୱାଦଶ ଅର୍ଥ କମିଶନ ୩୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଭୁବନେଶ୍ୱରକୁ ଛାଡିଦେଲେ କଟକ ଓ ଭୁବନେଶ୍ୱର ରାସ୍ତାକୁ ମିଶାଇ ଏକ ମାଷ୍ଟର ପ୍ଲାନ୍ କରାଯିବାର ପ୍ରସ୍ତାବ ମଧ୍ୟ ରହିଥିବା ଶ୍ରୀ ଦାସ ସୂଚନା ଦେଇଛନ୍ତି ।

## ନନ୍ଦନକାନନ ନିର୍ଦ୍ଦେଶକ ଲୁଚିଲେ !

ଭୁବନେଶ୍ୱର : ନନ୍ଦନକାନନ ଏବେ କ୍ରନ୍ଦନକାନନରେ ପରିଣତ ହୋଇଛି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା କହିଛନ୍ତି । ସେ କହିଛନ୍ତି ଯେ, ଧଳାବାଘ ପ୍ରଜନନ କ୍ଷେତ୍ରରେ ନନ୍ଦନକାନନ ବିଶ୍ୱ ଦରବାରରେ ଖ୍ୟାତି ଅର୍ଜନ କରିଥିଲା । ଆଜି ଏଠାରେ ପଶୁପକ୍ଷୀ, ଧଳାବାଘ ଇତ୍ୟାଦି ପ୍ରାଣୀମାନଙ୍କର ଗୋଟିଏ ପରେ ଗୋଟିଏ ଅକାଳ ମୃତ୍ୟୁ ପାଇଁ ବିଶ୍ୱରେ କଳଙ୍କ ଅର୍ଜନ କଲାଣି ।

ଏକଥା ମଧ୍ୟ ସେ ଉଲ୍ଲେଖ କରିଛନ୍ତି ଯେ, ନନ୍ଦନକାନନରେ ଉପସ୍ଥିତ ଥିଲାବେଳେ ସାମ୍ବାଦିକମାନଙ୍କ ଗହଣରେ ନନ୍ଦନକାନନ ନିର୍ଦ୍ଦେଶକ ମିନିଟ୍ରେନ ସଂପର୍କୀତ ପ୍ରଶ୍ନର ଉତ୍ତର ନଦେଇ ଲୁଚିଥିଲେ । ଶ୍ରୀ ଲେଙ୍କା ରେଳମନ୍ତ୍ରୀ ଥିବାବେଳେ, ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁପଟ୍ଟନାୟକଙ୍କୁ ନନ୍ଦନକାନନ ଠାରେ ନିୟୋଜିତ ଏକ ଉତ୍ସବରେ ମିନିଟ୍ରେନ୍‌ର ଚାବି ତାଙ୍କ ହାତରେ ଅର୍ପଣ କରି ମିନି ଟ୍ରେନ୍‌ଟି ଚାଲୁ କରିଥିଲେ । ସେହି ମିନି ଟ୍ରେନ୍‌ଟି ଅଦ୍ୟାବଧି ଚାଲିଛି କି ନାହିଁ ଶ୍ରୀ ଲେଙ୍କା ପ୍ରଶ୍ନ କରିବାରେ ନିର୍ଦ୍ଦେଶକ ଟ୍ରେନ୍ ଚାଲିଛି ବୋଲି ଉତ୍ତର ଦେଇଥିଲେ । କିନ୍ତୁ ଲେଙ୍କା ମିନିଟ୍ରେନ୍ କେଉଁଠି ଚାଲିଛି, ଦେଖାନ୍ତୁ ପଚାରିବାରୁ ନିର୍ଦ୍ଦେଶକ ସେଠାରୁ ଉଠିଯାଇ କେଉଁଠାରେ ଆତ୍ମଗୋପନ କଲେ, ଜଣାପଡିଲା ନାହିଁ । ଆଉ ମଧ୍ୟ ଦଳ ସଫା ନ ହେବାରୁ ହ୍ରଦରେ ବୋଟିଂ ହୋଇପାରୁନାହିଁ । ବୋଟିଂ ବିଷୟରେ କୌଣସି ସନ୍ତୋଷଜନକ ଉତ୍ତର ଶ୍ରୀ ଲେଙ୍କାଙ୍କୁ ସେ ଦେଇପାରିନଥିଲେ ।

## ୩୧୪ ବ୍ଲକ୍‌କୁ ମଣ୍ଡି ସଂପ୍ରସାରିତ ହେବ

ଭୁବନେଶ୍ୱର : ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୬୭ ମଣ୍ଡି ସ୍ଥାପନ ହୋଇଥିବାବେଳେ ୩୧୪ ବ୍ଲକ୍‌କୁ ଏହା ସଂପ୍ରସାରିତ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିସହିତ ଯେଉଁ ମଣ୍ଡିରେ ଅଧିକ ଧାନ ସଂଗ୍ରହ କରାଯାଉଛି ସେଠାରେ ମାପ ଓଜନ ଯନ୍ତ୍ରପାତି ଯୋଗାଇ ଦେବାକୁ ଖାଦ୍ୟ ଯୋଗାଣ ତଥା ଖାଉଟି କଲ୍ୟାଣ ମନ୍ତ୍ରୀ ମନମୋହନ ସାମଲ ଘୋଷଣା କରିଛନ୍ତି ।

ଆଜି ସଚିବାଳୟ ଠାରେ ମଣ୍ଡିର ଧାନ ସଂଗ୍ରହ ସଂପର୍କରେ ସମୀକ୍ଷା କରାଯାଇଥିଲା । ନିଷ୍ପତ୍ତି ହୋଇଥିଲା ଯେ, ଉପକୂଳ ଅଞ୍ଚଳରେ ୫୦୦ ମେଟ୍ରିକ୍ ଟନ୍ ଓ ପଶ୍ଚିମାଞ୍ଚଳରେ ୧୦୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଘର ନିର୍ମାଣ ହେବ । ମଣ୍ଡି ସ୍ଥାପନ ପାଇଁ ମଣ୍ଡିର ମୂଲ୍ୟ ସମବାୟ ବିଭାଗ ପ୍ରଦାନ କରିବ । ଉଲ୍ଲେଖଯୋଗ୍ୟଯେ ଚଳିତ ବର୍ଷ ସମବାୟ ବିଭାଗ ୪୦ ହଜାର ମେଟ୍ରିକ୍ ଟନ୍ ସ୍ଥାନରେ ୭୫ ହଜାର ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିଛି ବୋଲି ବୈଠକରେ ବିଭାଗୀୟ ମନ୍ତ୍ରୀ ସୁରମା ପାଢ଼ୀ ସୂଚନା ଦେଇଥିଲ ।



Executive Editor : Samahit Bal

178/B, Mancheswar Industrial Estate, Bhubaneswar
Ph : (0674) 2588297/2588298/2583066 Fax : (0674) 2582636
Email : pragativadi@pragativadi.com
Site Designed by **AIOL (All India On Line)**™ and Hosted by ***IS&T Inc***